# ଶିଶୁ ବିକାଶ ଯୋଜନା ଅଧିକାରୀଙ୍କ କାର୍ଯ୍ୟାଳୟ,ଫିରିଙ୍ଗିଆ

**ବିଜ୍ଞାପନ ସଂଖ୍ୟା:- ୮୦୪//ତାରିଖ- ୨୦/୦୭/୨୦୨୬//**

ଏତଦ୍ୱାରା ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ,ଫିରିଙ୍ଗିଆ ଅନ୍ତର୍ଗତ ନିମ୍ନଲିଖିତ ଅଙ୍ଗନବାଡିକେନ୍ଦ୍ରରେ ଖାଲିପଡିଥିବା ଅଙ୍ଗନବାଡି ସହାୟିକା ପଦବୀ ପୂରଣ ପାଇଁ ସମ୍ପୃକ୍ତ ଅଞ୍ଚଳର ମହିଳା ପାର୍ଥିନୀମାନଙ୍କ ଠାରୁ କେବଳ onlineରେ ଦରଖାସ୍ତ ଆହ୍ୱାନ କରାଯାଉଅଛି। ଏଣୁ ଇଛୁକ ମହିଳା ପାର୍ଥିନୀମାନେ ଅଙ୍ଗନବାଡି ସହାୟିକା ପଦବୀ ନିମନ୍ତେ ନିର୍ଧାରିତ ଫର୍ମରେ ୦୪.୦୮.୨୦୨୬ ରିଖ ଅପରାହ୍ନ ଘ.୫.୦୦ଟାକା ମଧ୍ୟରେ (online http://engagement.awc.odisha.gov.in) ୱେବସାଇଟ ମାଧ୍ୟମରେ (Public 'Login') କରି ନିମ୍ନ ସ୍ୱାକ୍ଷରକାରୀଙ୍କୁ ଆବେଦନ କରିପାରିବେ। ଧାର୍ଯ୍ୟ ତାରିଖ ଓ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବନାହିଁ।

| କ୍ରମିକ ସଂଖ୍ୟା | ଗ୍ରାମପଞ୍ଚାୟତର ନାମ | ଖାଲିପଡିଥିବା କେନ୍ଦ୍ରର ନାମ | କେନ୍ଦ୍ର ସହିତ ସଂଲଗ୍ନ ଗ୍ରାମର ନାମ | ମୂଳପ୍ରମାଣପତ୍ର ଯାଞ୍ଚ ତାରିଖ | ସମୟ |
|---|---|---|---|---|---|
| ୦୧ | ପବିଙ୍ଗିଆ | ଦଣି | ଦଣି,ସିଦୁପଦର,ଟାଲୁପଦର,ବାତଡ଼ଫାଙ୍ଗା,ଶ୍ରାଡେଏଜୁ | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୨ | କସିନିପଦର | ଭାଲୁରଗାଁ | ଭାଲୁରଗାଁ,ଉଦେଗିରି | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୩ | ଫିରିଙ୍ଗିଆ | ନୂଆପଡା | ନୂଆପଡା,ଗପିପଦର,କଟାପାଙ୍ଗା | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୪ | ଡିଣ୍ଡିରାଗାଁ | ଗଞ୍ଜୁଖୋଲ | ଗଞ୍ଜୁଖୋଲ | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୫ | ବାଲଣ୍ଡାପଡା | ସୁମାଙ୍ଗି | ସୁମାଙ୍ଗି,କାପଡି | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୬ | ଲୁଇସିଂ | ତେତେଲପଡା | ତେତେଲପଡା,ଆପାବିରୁ,କଲୁମୁଣ୍ଡା,ବରଚେଡି | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| ୦୭ | ନୂଆପଦର | କାଳିପଙ୍ଗା | କାଳିପଙ୍ଗା,ଲଇଯୋଡି,ଗୁଦାଦଣି,ଲାଡୁମାସ୍କା | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |
| 08 | ସୁମେରବନ୍ଧ | ଗାଜୁରପାଙ୍ଗା | ଗାଜୁରପାଙ୍ଗା,କଞ୍ଚେଲପାଙ୍ଗା,ବଣ୍ଡାଙ୍ଗପଦର | ୦୫.୦୮.୨୦୨୬ | ଦିବା୧୧.୦୦ ଘଣ୍ଟିକା |

**ଆବେଦନକାରୀଙ୍କ ଅବଶ୍ୟକୀୟ ଯୋଗ୍ୟତା.**

୧. ପ୍ରାର୍ଥୀନୀ ସ୍ଥାୟୀ ବାସିନ୍ଦା ହୋଇଥିବେ (ପ୍ରମାଣପତ୍ର ) ।

୨. ପ୍ରାର୍ଥୀନୀଙ୍କ ବୟସ ତା.୦୧.୦୧.୨୦୨୬ ରିଖ ସୁଧା୧୮ବର୍ଷରୁ ୩୫ବର୍ଷ ବୟସ ହୋଇଥିବେ।

୩. ପ୍ରାର୍ଥିନୀ ଓଡ଼ିଆ ଭାଷା ପଢ଼ି ଏବଂ ଲେଖି ଜାଣିଥିବେ ।

୪. ଶିକ୍ଷାଗତ ଯୋଗ୍ୟତା ଅନ୍ୟୁନ ଦ୍ୱାଦଶ(+୨) ପାସ ହୋଇଥିବା ଆବଶ୍ୟକ ।

୫. ସମସ୍ତଶ୍ରେଣୀର ପ୍ରାର୍ଥୀନୀମାନେ +୨ ମାର୍କସିଟ ସହ ତଦୁର୍ଦ୍ଧ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ମଧ୍ୟ ଦାଖଲ କରିପାରିବେ।

୬. ପ୍ରାର୍ଥୀନୀ ମଧ୍ୟମ ବିଦ୍ୟାଳୟରେ (୭ମ) ଶ୍ରେଣୀରେ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ଉଚ୍ଚ ବିଦ୍ୟାଳୟ କିମ୍ବା ତତୁଲ୍ୟ ପରୀକ୍ଷାରେ ଓଡିଆ ମାଧ୍ୟମ ଥାଇ ଅଣଭାଷା ପରୀକ୍ଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ଓଡିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଅନୁଷ୍ଠାନରୁ ଅଷ୍ଟମ ଶ୍ରେଣୀରେ ଓଡିଆ ଭାଷାରେ ପାସ ହୋଇଥିବା ଆବଶ୍ୟକ ।

କିମ୍ବା

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ସରକାରଙ୍କ ଦ୍ୱାରା ପରିଚାଳିତ ମଧ୍ୟ ଇରାଜି ବିଦ୍ୟାଳୟରୁ ଓଡିଆ ଭାଷାରେ ପାସ

ହୋଇଥିବା ଆବଶ୍ୟକ ।

୭. ବିଧବା,ସ୍ୱାମୀ ପରିତ୍ୟକ୍ତା ଓ ଅନାଥ ମହିଳାମାନଙ୍କୁ ଅଗ୍ରାଧିକାର ଦିଆଯିବ।

**ଅବଶ୍ୟକୀୟ ପ୍ରମାଣପତ୍ର :-**

୦୧. ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର (ମାର୍କସିଟ ) ଅବିକଳ ନକଲ।

୦୨. ଜାତିଗତ ପ୍ରମାଣପତ୍ର (ସମ୍ପୃକ୍ତ ତହସିଲଦାରଙ୍କଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ )

୦୩. ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବଶ୍ୟକ )

୦୪. ଭିନ୍ନକ୍ଷମ ପାର୍ଥିନୀଙ୍କ କ୍ଷେତ୍ରରେ ସ୍ୱୀକୃତିପ୍ରାପ୍ତ ଅନୁଷ୍ଠାନଦ୍ୱାରା ପ୍ରଦତ୍ତ ଶାରୀରିକ ବିକଳାଙ୍ଗ ପ୍ରମାଣପତ୍ର ସହ ନକଲ ।

୦୫. ପାସପୋର୍ଟ ସାଇଜ ଫଟୋ (ରଙ୍ଗୀନ ଫୋଟୋକପି ୨ଗୋଟି ) ।

୦୬. ବିଧବାକ୍ଷେତ୍ରରେ ସ୍ୱାମୀଙ୍କ ମୃତ୍ୟୁ ପ୍ରମାଣପତ୍ର ଅବିକଳ ନକଲ ।

୦୭. ନିର୍ଯାତିତା ଓ ଅନାଥଙ୍କ କ୍ଷେତ୍ରରେ ପଞ୍ଜୀକରଣ ହୋଇଥିବାସଂସ୍ଥାର ପ୍ରମାଣପତ୍ରର ଅବିକଳ ନକଲ ।

୦୮.ପରିଚୟ ପ୍ରମାଣପତ୍ରକ୍ଷେତ୍ରରେ (ଆଧାରକାର୍ଡ଼,ପାନକାର୍ଡ଼,ଭୋଟରକାର୍ଡ) ଅବିକଳ ନକଲ ।

୦୯. ଚୟନପ୍ରକ୍ରିୟାର ଗାଇଡଲାଇନ ପାରା-୧(୮) ଅନୁଯାୟୀ ସଂଖ୍ୟାଗରିଷ୍ଠ ପାର୍ଥିନୀ(ଅନୁସୂଚିତ ଜନଜାତି/ଜାତି)ଙ୍କୁ ଅଗ୍ରାଧିକାର ଦିଆଯିବ ।

ପ୍ରାର୍ଥିନୀ ଦରଖାସ୍ତ ସହ ଦାଖଲ କରୁଥିବା ସମସ୍ତ ପ୍ରମାଣପତ୍ରର ସହିତ ନକଲଗୁଡିକ ନିଜେ(ଏଟେଷ୍ଟେଡ) କରି (Upload) କରିବେ ଏବଂ (onlinehttp://engagement.awc.odisha.gov.in)ରେ ନିର୍ଦ୍ଧାରିତ ତାରିଖ ଏବଂ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କୁ ଦାଖଲ କରିବେ ଓ ଏହାର ମୂଳପ୍ରମାଣପତ୍ର ଗୁଡିକ ଯାଞ୍ଚ ପାଇଁ ନିର୍ଦ୍ଧାରିତ ତାରିଖ ଓ ସମୟରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଫିରିଙ୍ଗିଆଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହିବେ।

**ଚୟନପ୍ରକ୍ରିୟା :-**

ଓଡ଼ିଶା ସରକାର ମହିଳା ଓ ଶିଶୁବିକାଶ ବିଭାଗ, ଭୁବନେଶ୍ୱର ଅଙ୍ଗନବାଡ଼ି ଚୟନ ନିର୍ଦ୍ଦେଶାବଳୀ ସଂଖ୍ୟା:୪୯୭୦/୧୫.୦୩.୨୦୨୩ ପ୍ରକାରେ ଚୟନ କରାଯିବ।

(ବି.ଦ୍ର:୧):-ମହିଳା ଓ ଶିଶୁବିଭାଗ,ଓଡିଶାସରକାର,ଭୁବନେଶ୍ୱରଙ୍କ ଦ୍ୱାରା ନୂତନନିୟମ ଚୟନ ପୂର୍ବରୁ କାର୍ଯ୍ୟାଳୟରେ ହସ୍ତଗତ ହେଲେ ଉପଯୁକ୍ତ କର୍ମୀଚୟନ ପାଇଁ ତାହା ମଧ୍ୟ ବ୍ୟବହାର କରାଯିବ।

(୨)ମୂଳ ପ୍ରମାଣପତ୍ର ଯାଞ୍ଚ ଦିବସରେ ଯଦିକୌଣସି ପ୍ରାକୃତିକ ବିପର୍ଯ୍ୟୟ କିମ୍ବା ଉପସ୍ଥିତ ଅଧିକାରୀଙ୍କ ଦ୍ୱାରା ଅଚାନକ ଅନ୍ୟ କାର୍ଯ୍ୟ ସମ୍ପାଦନ ପାଇଁ ନିର୍ଦ୍ଦେଶ ପ୍ରାପ୍ତ ହୁଏ ,ତେବେ ନିର୍ଦ୍ଧାରିତ ତାରିଖ ଓ ସମୟ ପରିବର୍ତ୍ତନ କରାଯାଇପାରେ।

20/07/2026

ଶିଶୁ ବିକାଶ ଯୋଜନା ଅଧିକାରୀ
Child Dev. Project Officer,
Phiringia
ଫିରିଙ୍ଗିଆ

ପରିପତ୍ର ସଂଖ୍ୟା. :- 805 //ତାରିଖ- ୨୦/୦୭/୨୦୨୬//

ଏହାର ଏକକିତା ନକଲ ସମ୍ପୃକ୍ତ ପରିଦର୍ଶିକାଙ୍କ ଗୋଚରାର୍ଥେ ଯଥା ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇ ନିର୍ଦ୍ଦେଶ ଦିଆଗଲା ଯେ, ନୋଟିସକୁ ସମ୍ପୃକ୍ତ ଗ୍ରାମର ମଣ୍ଡପରେ ଓ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ଦୃଷ୍ଟିଗୋଚରକୁ ଆଣି ନୋଟିସବୋର୍ଡରେ ଲଗାଇବେ ଓ ଲଟକାଇ ଜାରି ସମ୍ପର୍କରେ ପ୍ରମାଣପତ୍ର ଆଣି କାର୍ଯ୍ୟାଳୟରେ ଦାଖଲ କରିବେ।

20/07/2026

Child Dev. Project Officer,
Phiringia

ପରିପତ୍ର ସଂଖ୍ୟା. :- ୮୪୩ //ତାରିଖ- ୨୦/୦୭/୨୦୨୬//

ଏହାର ଏକକିତା ନକଲ ଉପଜିଲ୍ଲାପାଳ,କନ୍ଧମାଳ,ଫୁଲବାଣୀ /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ,କନ୍ଧମାଳଙ୍କ ଅବଗତ ତଥା ବିହିତ କାର୍ଯ୍ୟନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

20/07/2026

Child Dev. Project Officer, Phiringia

ଶିଶୁ ବିକାଶ ଯୋଜନା ଅଧିକାରୀ
ଫିରିଙ୍ଗିଆ

ପରିପତ୍ର ସଂଖ୍ୟା. :- ୮୪୮ //ତାରିଖ- ୨୦/୦୭/୨୦୨୬//

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ, ପଞ୍ଚାୟତ ସମିତି କାର୍ଯ୍ୟାଳୟର ନୋଟିସବୋର୍ଡରେ ଜନସାଧାରଣଙ୍କ ଗୋଚରାର୍ଥେ ଓ ଚୟନକମିଟି ସଭ୍ୟଙ୍କ ଗୋଚରାର୍ଥେ ତଥା ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା।

20/07/2026

Child Dev. Project Officer, Phiringia

ଶିଶୁ ବିକାଶ ଯୋଜନା ଅଧିକାରୀ
ଫିରିଙ୍ଗିଆ